# NATIONAL NEWS BULLETIN (ODIA)

## 29 June - 2026

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଦ୍ୱିତୀୟ ପ୍ରତିରକ୍ଷା ଅଳଙ୍କରଣ ସମାରୋହରେ ବୀରତ୍ୱ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

– ୪ ଜଣଙ୍କୁ ଅତି ବିଶିଷ୍ଟ ସେବା ପଦକ ପ୍ରଦାନ ।

- ସେଶେଲ୍ସ ଗସ୍ତ ଫଳପ୍ରଦ ସାବ୍ୟସ୍ତ ହୋଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ସିବିଏସ୍‌ଇ ଜାରି କଲା ତ୍ରିଭାଷା ନୀତି ସମ୍ପର୍କିତ ମାର୍ଗଦର୍ଶିକା ।
- ସ୍ନାନବେଦୀରେ ଗଜାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ଶ୍ରୀଜୀଉ ।

ଏବଂ

- ଲସ୍ ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କଲା ଭାରତୀୟ ମହିଳା କ୍ରିକେଟ୍ ଦଳ ।

# ପ୍ରେଜ୍-ଗାଲେଣ୍ଟାରୀ ଆୱାର୍ଡ଼

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ପ୍ରତିରକ୍ଷା ଅଳଙ୍କରଣ ସମାରୋହରେ ବୀରତ୍ୱ ପୁରସ୍କାର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି' ଏୟାର୍ ମାର୍ସାଲ୍ ତରୁଣ ଚୌଧୁରୀ, ଲେପ୍ଟନାଣ୍ଟ ଜେନେରାଲ୍ ନୀରଜ ଓ୍ୱାର୍ସ୍‌ନି, ଲେପ୍ଟନାଣ୍ଟ ଜେନେରାଲ୍ ବିକାଶ ରୋହେଲା, ଲେପ୍ଟନାଣ୍ଟ ଜେନେରାଲ୍ ହରବିନ୍ଦର ସିଂହ ଭାନ୍ଦ୍ରା ଏବଂ ଲେପ୍ଟନାଣ୍ଟ ଜେନେରାଲ୍ ମହିନ୍ଦର ପାଲ ସିଂହଙ୍କୁ ଅତି ବିଶିଷ୍ଟ ସେବା ପଦକ ପ୍ରଦାନ କରିଛନ୍ତି ।

ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଅନ୍ୟାନ୍ୟ କେନ୍ଦ୍ର ମନ୍ତ୍ରୀ ଓ ସେନା ବାହିନୀର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ ଏବଂ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥାର କର୍ମଚାରୀମାନଙ୍କ ଅସାଧାରଣ ସାହସିକତା ଏବଂ ବୀରତ୍ୱପୂର୍ଣ୍ଣ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ଜାମ୍ମୁ କାଶ୍ମୀର, ଉତ୍ତର ପୂର୍ବାଞ୍ଚଳ ଏବଂ ଦେଶର ସୀମାନ୍ତ ଅଞ୍ଚଳରେ ଆତଙ୍କବାଦ, ବିଦ୍ରୋହ ଏବଂ ଶତ୍ରୁପକ୍ଷ ବିରୋଧରେ ଭାରତର ନିରନ୍ତର ସଂଗ୍ରାମକୁ ପ୍ରତିଫଳିତ କରିବା ଉଦ୍ଦେଶ୍ୟରେ ଏହି ପୁରସ୍କାର ଦିଆଯାଇଥାଏ ।

## ପିଏମ୍-ସେଶେଲ୍ସ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସେଶେଲ୍ସକୁ ତାଙ୍କର ଗସ୍ତ ଫଳପ୍ରଦ ସାବ୍ୟସ୍ତ ହୋଇଛି । ଏହା ଭାରତ-ସେଶେଲ୍ସ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୫୦ ବର୍ଷ ମଧ୍ୟରେ ଦୁଇ ଦେଶ ଭିତରେ ସମ୍ପର୍କ ଗଭୀର ବିଶ୍ୱାସ ମଧ୍ୟରେ ପ୍ରତିଷ୍ଠିତ । ଏହା ଆଗାମୀ ୫୦ ବର୍ଷ ପାଇଁ ଦୁଇ ଦେଶ ନିମନ୍ତେ ନବସୃଜନ, ଦୀର୍ଘସ୍ଥାୟୀ ଏବଂ ସମୃଦ୍ଧି କ୍ଷେତ୍ରରେ ସହାୟକ ହେବ । ସେଶେଲ୍ସ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଜାତୀୟ ଦିବସ ପାଳନରେ ଯୋଗଦେଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ସେଶେଲ୍ସର ରାଷ୍ଟ୍ରପତି ଡକ୍ଟର ପ୍ୟାଟ୍ରିକ୍ ହର୍ମିନି, ସେଶେଲ୍ସର ଜନସାଧାରଣଙ୍କୁ ସେମାନଙ୍କର ସ୍ନେହ ଏବଂ ସୌହାର୍ଦ୍ଦପୂର୍ଣ୍ଣ ସ୍ୱାଗତ ପାଇଁ ଧନ୍ୟବାଦ ଜଣାଇଥିଲେ ।

## ଶାହା-ଜଲ ମିଟିଂ

ନୂଆଦିଲ୍ଲୀ ଠାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଆଜି ଯମୁନା ଜଳ ପ୍ରକଳ୍ପ ନିର୍ମାଣ ଏବଂ କାର୍ଯ୍ୟକାରୀ ନେଇ ହରିଆଣା

ଏବଂ ରାଜସ୍ଥାନ ସରକାରଙ୍କ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ଏହି ବୁଝାମଣା ଯୋଗୁଁ ହରିଆଣା ଏବଂ ରାଜସ୍ଥାନବାସୀଙ୍କ ମଧ୍ୟରେ ଦୀର୍ଘ ୩ ଦଶନ୍ଧି ଧରି ରହିଥିବା ଜଳସମସ୍ୟା ସମାଧାନ ହୋଇପାରିଛି । ସେ କହିଛନ୍ତି, ଏହି ବୁଝାମଣା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଥାବାର୍ତ୍ତା ଜରିଆରେ ସମାଧାନ' ମନ୍ତ୍ରର ସର୍ବଶ୍ରେଷ୍ଠ ଉଦାହରଣ । ଏହି ବୁଝାମଣା ଅନୁଯାୟୀ ଯମୁନା ନଦୀରୁ ପାଖାପାଖି ୫୮୦ ମିଲିୟନ୍ କ୍ୟୁବିକ୍ ମିଟର ଜଳ ରାଜସ୍ଥାନକୁ ଯୋଗାଇ ଦିଆଯିବ । ଏହା ଆସନ୍ତା ମାସରୁ ଅକ୍ଟୋବର ମାସ ମଧ୍ୟରେ ତିନୋଟି ଭୂତଳ ପାଇପ୍‌ଲାଇନ୍ ଜରିଆରେ ଯୋଗାଇ ଦିଆଯିବ । ଏହି ପାଇପ୍‌ଲାଇନ୍ ମାଧ୍ୟମରେ ଉଭୟ ରାଜସ୍ଥାନ ଏବଂ ହରିଆଣାବାସୀଙ୍କୁ ପାନୀୟ ଜଳ ମଧ୍ୟ ବଣ୍ଟନ କରାଯିବ । ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ହରିଆଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ରାଜନାଥ-ଡିଆରଡିଓ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ – ଡିଆରଡିଓ ଆର୍ଥିକ କ୍ଷମତା ପ୍ରଦାନ କରିଛନ୍ତି । ଏହା

ଡିଆର୍‌ଡିଓ ଦକ୍ଷତା, ଉତ୍ତର ଦାୟିତ୍ୱ ଏବଂ ନିର୍ଦ୍ଧାରିତ ସମୟରେ ଗବେଷଣା ଏବଂ ବିକାଶ ମୂଳକ ପ୍ରକଳ୍ପର କାର୍ଯ୍ୟକାରୀ କରିବା ଦିଗରେ ବୃହତ୍ ସଂସ୍କାର ଆଣିବ । ନୂଆଦିଲ୍ଲୀଠାରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ସିଂହ କହିଛନ୍ତି, ଡିଆର୍‌ଡିଓକୁ ଆର୍ଥିକ କ୍ଷମତା ପ୍ରଦାନ ଦ୍ୱାରା ପ୍ରତିରକ୍ଷା କ୍ଷେତ୍ରରେ ଦ୍ରୁତ ଉତ୍ପାଦନ ଏବଂ ଗବେଷଣା କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟା ବିନିଯୋଗ ସହଜ ହୋଇପାରିବ । ପ୍ରତିରକ୍ଷା କ୍ଷେତ୍ରରେ ନୂତନ ରୂପରେଖ ଦ୍ୱାରା ଶିଳ୍ପ ଏବଂ ଶିକ୍ଷା ମଧ୍ୟରେ ସହଯୋଗକୁ ମଧ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ ସିଂହ କହିଛନ୍ତି । ଏହାଦ୍ୱାରା ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ । ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ଦେଶର ପ୍ରତିରକ୍ଷା ପ୍ରସ୍ତୁତିକୁ ସୁଦୃଢ଼ କରିବା ଲାଗି ସଂଶୋଧିତ ରୂପରେଖ ସହାୟକ ହେବ ବୋଲି ଶ୍ରୀ ସିଂହ କହିଛନ୍ତି ।

## ଜିତେନ୍ଦ୍ର ସିଂହ-ବ୍ରିକ୍ସ ସିସିଆଇ

ବ୍ରିକ୍ସର ବାଣିଜ୍ୟ ଏବଂ ଶିଳ୍ପ ସଂଘ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀଠାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କୁ ସାକ୍ଷାତ କରିଛନ୍ତି । ବୈଠକରେ ଶିଳ୍ପ ଭିତ୍ତିକ ବୈଶ୍ୱିକ ପ୍ରସ୍ତୁତି ସହଯୋଗ ଉପରେ ଆଲୋଚନା ହୋଇଥିଲା । ସେହିପରି ନବସୃଜନ, ଷ୍ଟାର୍ଟଅପ୍,

ନୂତନ ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ଉଦ୍ୟମିତା ସମ୍ପର୍କରେ ଗୁରୁତ୍ୱପ୍ରଦାନ କରାଯାଇଥିଲା । ବୈଠକରେ ଉଦ୍‌ବୋଧନ ଦେଇ ଡକ୍ଟର ସିଂହ କହିଛନ୍ତି, ଭାରତ' ବିଶ୍ୱସ୍ତରରେ ନବସୃଜନ କେନ୍ଦ୍ର ରୂପେ ଗଢ଼ିବା ଦିଗରେ ଅଗ୍ରସର ହେଉଛି ।

# ସିବିଏସ୍‌ଇ ଲାଙ୍ଗୁଏଜ୍ ଗାଇଡ୍‌ଲାଇନ୍ସ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ସିବିଏସ୍‌ଇ ପକ୍ଷରୁ ପକ୍ଷରୁ ଆଜି ତ୍ରିଭାଷାନୀତି ସମ୍ପର୍କିତ ମାର୍ଗଦର୍ଶିକା ଜାରି କରାଯାଇଛି । ବୋର୍ଡ଼ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ବର୍ତ୍ତମାନ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ନୂତନ ଭାଷାନୀତିକୁ ଆପଣାଇବାର ଆବଶ୍ୟକତା ନାହିଁ । ଅନ୍ୟ ପକ୍ଷରେ ସପ୍ତମ, ଅଷ୍ଟମ ଏବଂ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀରେ ତୃତୀୟ ଭାଷାରେ ପରୀକ୍ଷା ଦେବାର ଆବଶ୍ୟକତା ପଡ଼ିବ ନାହିଁ । ସିବିଏସ୍‌ଇ ପକ୍ଷରୁ ଆହୁରି କୁହାଯାଇଛି, ସପ୍ତମ, ଅଷ୍ଟମ ଏବଂ ନବମ ଶ୍ରେଣୀରେ ଯେଉଁ ଛାତ୍ରମାନେ ପୂର୍ବରୁ ଦୁଇଟି ବିଦେଶୀ ଭାଷାକୁ ବାଛି ନେଇଛନ୍ତି ସେମାନେ ଏକ ଅତିରିକ୍ତ ଭାରତୀୟ ଭାଷା ସହ ବିଦେଶୀ ଭାଷା ଅଧ୍ୟୟନ ଜାରି ରଖିପାରିବେ ।

## ଗୋୟଲ-ଗ୍ରିସ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ଗ୍ରୀସ୍‌ରେ ସେଠାକାର ବିକାଶ ମନ୍ତ୍ରୀ ଟାକିସ୍ ଥିଓଡୋରିକାକସ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୋୟଲ କହିଛନ୍ତି, ଉଭୟ ଭାରତ-ଗ୍ରୀସ୍ ଅର୍ଥନୈତିକ ଭାଗିଦାରିତା ସମ୍ପର୍କ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଶିଳ୍ପ ସହଯୋଗ, ଯୋଗାଣ ଶୃଙ୍ଖଳରେ ଆତ୍ମନିର୍ଭରଶୀଳତା ନେଇ ଆଲୋଚନା ହୋଇଥିଲା । ସେହିଭଳି ନିର୍ମାଣ, ଷ୍ଟାର୍ଟଅପ୍ ଏବଂ ଦୁଇ ଦେଶ ମଧ୍ୟରେ ନୂତନ ପ୍ରଯୁକ୍ତିବିଦ୍ୟା ବଣ୍ଟନ କରିବା ନେଇ ସୁଯୋଗ ସୃଷ୍ଟି କରିବା ଲାଗି ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଶ୍ରୀ ଗୋୟଲ କହିଛନ୍ତି ।

## ହେଲ୍‌ଥ କନ୍‌ଫରେନ୍ସ-ନଡ୍ଡା

କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି, ସରକାର ପ୍ରାଥମିକ, ମାଧ୍ୟମିକ ଏବଂ ଆଞ୍ଚଳିକ ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରି ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି । ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପରିଷଦର

ଷୋଡ଼ଶ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି, ଦେଶରେ ୧ ଲକ୍ଷ ୮୬ ହଜାର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ସ୍ଥାପିତ ହୋଇଛି, ଯାହାକି ସାଧାରଣ ନାଗରୀକ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟରେ ପ୍ରଥମ ଯୋଗାଯୋଗ । ସେହିପରି ଜନସାଧାରଣଙ୍କୁ ନିରନ୍ତର ଚିକିତ୍ସା ସେବା ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର’ ପ୍ରାଥମିକ ଏବଂ ମାଧ୍ୟମିକ ସ୍ୱାସ୍ଥ୍ୟ ମଧ୍ୟରେ ସଂଯୋଗର ବିକାଶ କରିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ଦେଶରେ ୨୩ଟି ନୂତନ ଏମସ୍ ସ୍ଥାପନ କରାଯାଇ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ମଧ୍ୟ ସୁଦୃଢ଼ କରାଯାଇପାରିଛି । ଦେଶରେ ପଛୁଆ ଜିଲ୍ଲା ଗୁଡ଼ିକରେ ୧୫୭ରୁ ଊର୍ଦ୍ଧ୍ୱ ମେଡିକାଲ୍ କଲେଜ୍ ସ୍ଥାପନ କରାଯାଇଥିବା ଶ୍ରୀ ନଡ୍ଡା ସୂଚନା ଦେଇଛନ୍ତି ।

## ଦେବସ୍ନାନ ପୂର୍ଣ୍ଣିମା

ପୁରୀ ଶ୍ରୀମନ୍ଦିର ସ୍ନାନବେଦୀରେ ଶ୍ରୀଜୀଉମାନେ ଆଜି ଶ୍ରଦ୍ଧାଳୁଙ୍କୁ ଗଜାନନ ବେଶରେ ଦର୍ଶନ ଦେଉଛନ୍ତି । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦୁର୍ଲ୍ଲଭ ହାତୀ ବେଶରେ ଦେଖିବା ପାଇଁ ପୁରୀରେ ପ୍ରବଳ ଜନସମାଗମ ହୋଇଛି । ସକାଳେ ଶ୍ରୀଜୀଉମାନେ ରତ୍ନବେଦୀ ଛାଡ଼ି ଧାଡ଼ି ପହଣ୍ଡିରେ ସ୍ନାନବେଦୀରେ ବିଜେ କରିବା ପରେ ସୁନା କୂଅର ୧୦୮ ଗରା ସୁବାସିତ ଜଳରେ ସେମାନଙ୍କୁ ସ୍ନାନ କରାଯାଇଥିଲା । ରୀତିନୀତି ଅନୁଯାୟୀ ଗଜପତି

ମହାରାଜା ଶ୍ରୀ ଦିବ୍ୟ ସିଂହ ଦେବ ଛେରା ପହଁରା ସେବା ସମ୍ପାଦିତ କରିଥିଲେ । ସେବାୟତଙ୍କ ଦ୍ୱାରା ଆଜି ଭୋଗନୀତି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କ ପହଣ୍ଡି, ଜଳଲାଗି ଓ ହାତୀବେଶ ଆଦି ନୀତିକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି ।

# ଫାକ୍ଟ ଚେକ୍-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହଜରେ ଅର୍ଥ ସୁବିଧା ହାସଲ ପାଇଁ ନିବେଶ ପ୍ଲାଟ୍‌ଫର୍ମକୁ ସମର୍ଥନ କରୁଥିବା ସଂକ୍ରାନ୍ତ ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ହେଉଥିବା ପ୍ରଚାରକୁ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି । ପତ୍ର ସୂଚନା କାର୍ଯ୍ୟାଳୟର ତଥ୍ୟ ଅନୁସନ୍ଧାନକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି, ଏହି ଭିଡ଼ିଓ ମିଥ୍ୟା ଏବଂ ଏ.ଆଇ. ଦ୍ୱାରା ନିର୍ମିତ ହୋଇଛି । ପ୍ରଧାନମନ୍ତ୍ରୀ ଏହି ପ୍ରକାରର କୌଣସି ନିବେଶ ଯୋଜନା କିମ୍ବା ପ୍ଲାଟ୍‌ଫର୍ମକୁ ସମର୍ଥନ କରିନାହାନ୍ତି । ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ କୌଣସି ଅଜଣା ଲିଙ୍କ୍‌ରେ କ୍ଲିକ୍, କଲ କିମ୍ବା ନିଜର ବ୍ୟକ୍ତିଗତ ତଥ୍ୟ ନ ଦେବା ପାଇଁ ପରାମର୍ଶ ଦିଆଯାଇଛି ।

## ୱିମେନ୍ସ କ୍ରିକେଟ୍ ଅଲିମ୍ପିକ୍ସ ବର୍ଥ

ଲସ୍ ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ ପ୍ରତିଯୋଗିତା ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳ ଯୋଗ୍ୟତା ହାସଲ କରିଛି । ଭାରତ ସହିତ ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ୍ ଏବଂ ଦକ୍ଷିଣ ଆଫ୍ରିକା ଅଲିମ୍ପିକ୍ କ୍ରୀଡ଼ାରେ ମହିଳା ଟି-ଟ୍ୱେଣ୍ଟି ପ୍ରତିଯୋଗିତାରେ ସ୍ଥାନୀତ ହୋଇଥିବା ସମ୍ପର୍କରେ ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ ପକ୍ଷରୁ ଆଜି ସ୍ପଷ୍ଟ କରାଯାଇଛି ।

## ୟୁଏସ୍ ଓପନ୍ ବ୍ୟାଡ୍ମିଣ୍ଟନ୍

ୟୁଏସ୍ ଓପନ୍ ବ୍ୟାଡ୍ମିଣ୍ଟନ୍ ପ୍ରତିଯୋଗିତାରେ ଆଜି ଭାରତୀୟ ବ୍ୟାଡ୍ମିଣ୍ଟନ୍ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି । ଫାଇନାଲ୍ ମ୍ୟାଚ୍‌ରେ ରନର୍ସ୍ ଅପ୍ ହେବା ପରେ ତାଙ୍କୁ ଏହି ପୁରସ୍କାର ମିଳିଛି । ଶ୍ରୀକାନ୍ତ ଚୀନ୍‌ର ପ୍ରତିଯୋଗି ସୁ ଲି-ୟାଙ୍ଗ୍‌ଙ୍କୁ ୧୫-୨୧, ୨୧-୧୬, ୯-୨୧ରେ ପରାସ୍ତ କରିଥିଲେ ।

# ଫିଫା

ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ଆଜି ଆମେରିକାର ହଷ୍ଟନ୍ ଷ୍ଟାଡିୟମ୍ ଠାରେ ବ୍ରାଜିଲ୍ ଏବଂ ଜାପାନ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ଏହା ଭାରତୀୟ ସମୟ ରାତି ସାଢ଼େ ୧୦ଟାରେ ଆରମ୍ଭ ହେବ । ସେହିପରି ଆମେରିକାର ବୋଷ୍ଟନ୍ ଷ୍ଟାଡିୟମ୍‌ଠାରେ ଭାରତୀୟ ସମୟ ରାତି ୨ଟାରେ ଜର୍ମାନୀ ଏବଂ ପାରାଗୁଏ ମଧ୍ୟରେ ମୁକାବିଲା ହେବ । ପୂର୍ବରୁ ଲସ୍ ଆଲେଞ୍ଜିଲ୍ସ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ କାନାଡ଼ା ଦକ୍ଷିଣ ଆଫ୍ରିକାକୁ ୧-୦ରେ ପରାସ୍ତ କରି ବିଜୟ ହାସଲ କରିଥିଲା ।